# Akashvani, Sambalpur

## SAMBALPURI NEWS EVENING BULLETIN

## 1 April 2024- 7.02 pm- 7.12 pm.

*********************************************

୧- ସାରା ରାଏଜେ ଆଏଜ୍ ପାଲିତ୍ ହେଇଛେ ଉତ୍କଳ ଦିବସ୍ ।

- ଶୁଭେଚ୍ଛା ଜନାଲେ ରାଷ୍ଟ୍ରପତି, ପ୍ରଧାନ୍‌ମନ୍ତ୍ରୀ, ରାଜ୍ୟପାଲ୍ ଆର୍ ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶା ପୁଲିସ୍‌ର ୮୯ ତମ ପ୍ରତିଷ୍ଠା ଦିବସ୍ ଅବ୍‌ସରେ ଶହେ ୮ ଝନ୍ ପୁଲିସ୍ ଅଧିକାରୀଙ୍କୁ ଦିଆଯାଇଛେ ଡିଜିପି ଡିସ୍କ ।

୩- ସାଧାରଣ୍ ନିର୍ବାଚନ୍‌ଥି ଭୋଟର୍ ପରିଚୟ ପତ୍ର ନାଇଁଥିଲେ ଆଧାର୍‌କାର୍ଡ଼ ବାଗିର୍ ୧୨ ଟା ପ୍ରମାଣ୍‌ପତ୍ର ଭିତ୍‌ରୁ କେନ୍‌ସିଟା ଗୁଟେ ଦେଖେଇକରି ଦେଇହେବା ଭୋଟ୍ ।

ଆଉର୍

୪- ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ସଖାଲର୍ ୭ ନୁ ସାଢ଼େ ୧୧ ବଜେତକ୍ ଖୁଲାରହେବା ଅଙ୍ଗନବାଡ଼ି କେନ୍ଦ୍ର ।

ଉତ୍କଳ ଦିବସ୍        ଆର୍ଏନ୍ୟୁ/ କଟକ୍

ରାଏଜେ ଆଏଜ୍ ଉତ୍କଳ ଦିବସ୍ ପାଲିତ୍ ହେଉଛେ । ୧୯୩୬ ମସିହା ଏପ୍ରିଲ୍ ମାସର୍ ଆଝିର୍ ଦିନେ ଓଡ଼ିଶା ଭାଷାଭିତିକ ରାଜ୍ୟ ଭାବେ ଗଠନ୍ କରାଯାଇଥିଲା । ପୁର୍ଥିର୍ ୨୦ ଟା ସମୃଦ୍ଧ ଭାଷା ଭିତ୍ରୁ ଓଡ଼ିଆ ଭାଷା ଗୁଟେ ଆଏ । ଓଡ଼ିଆ ଭାଷା- ତାର୍ କଳା, ସଂସ୍କୃତି, ଐତିହ୍ୟ ଆର୍ ଭାସ୍କର୍ଯ୍ୟଥି ପୁରି ରହିଥିବା ଇତିହାସ୍‌କେ ନେଇକରି ପୁର୍ଥି ନ ନାଁ କରିଛେ ।

ଉତ୍କଳ ଦିବସ୍ ପାଲନ୍ ଅବ୍‌ସରେ ଓଡ଼ିଶାବାସୀ ଆଉ ଦେଶ୍‌ବିଦେଶ୍‌ଥି ରହୁଥିବା ଓଡ଼ିଆମାନ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜନେଇଛନ୍ । ଓଡ଼ିଶା ତାର୍ ପ୍ରାକୃତିକ ସମ୍ପଦ ଆଉ ସମୃଦ୍ଧ , ସାଂସ୍କୃତିକ ଐତିହ୍ୟ ଲାଗି ସୁପରିଚିତ ବଲି ରାଷ୍ଟ୍ରପତି ତାଁକର୍ ବାର୍ତାଥି କହିଛନ୍ । ଓଡ଼ିଶାର୍ ଲୁକ୍‌କର୍ ରାଜ୍ୟ ଆଉ ଦେଶର୍ ଉନ୍ନତିଥି ବଡ଼ ଅବଦାନ୍ ରହିଛେ ବଲି ଶ୍ରୀମତୀ ମୁର୍ମୁ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମାଜିକ ଗଣମାଧ୍ୟମ୍‌ଥି କହିଛନ୍ ଯେ, ରାଷ୍ଟ୍ରର୍ ପ୍ରଗତିଥି ଓଡ଼ିଶାର୍ ଉଲ୍ଲେଖନୀୟ ଯୋଗଦାନ୍ ରହିଛେ । ଆଝିର୍ ଦିନ ଓଡ଼ିଶାର୍ ସମୃଦ୍ଧ ସଂସ୍କୃତି, ଐତିହ୍ୟ ଆଉ କର୍ମତତ୍ପର ଲୋକ୍‌ମାନ୍‌କର୍ ବିଷେ ମନେ ପକାସି ।

ରାଜ୍ୟପାଲ୍ ରଘୁବର୍ ଦାସ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଆଉ ହାର୍ଦ୍ଦିକ ଅଭିନନ୍ଦନ୍ ଜନେଇଛନ୍ । ଓଡ଼ିଶାକେ ଗୁଟେ ସମୃଦ୍ଧ ଆଉ ବିକଶିତ ରାଜ୍ୟ କର୍‌ବାର୍ ଲାଗି ଆଜିର୍ ଦିନେ ସମସ୍ତେ ସଂକଳ୍ପବଦ୍ଧ ହେବାର୍‌କେ ରାଜ୍ୟପାଲ୍ ଆହ୍ୱାନ୍ ଦେଇଛନ୍ ।

ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଓଡ଼ିଶା ଦିବସ୍ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ସାମାଜିକ ଗଣମାଧ୍ୟମ୍‌ଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ଼ିଶା ତାର୍ ଗରିମାମୟ ଇତିହାସ୍ ସବୁକ୍ଷେତ୍ର୍‌ଥି ଲେଖୁଛେ । ଫିଂ' ଓଡ଼ିଆଙ୍କର୍ ପ୍ରତିବଦ୍ଧତାଥି ଓଡ଼ିଶା ସମୃଦ୍ଧ ହେଇଛେ । ରୂପାନ୍ତରଣ୍‌ର ଇ ଯୁଗ ସାଙ୍ଗେ ତାଲ୍ ଦେଇକରି ବିକଶିତ୍ ଓଡ଼ିଶା ଗଠନ୍ କର୍‌ବାର୍‌ଟା ହେଉଛେ ଓଡ଼ିଆଙ୍କର୍ ସଫଲତା ବଲି ମୁଖ୍ୟମନ୍ତ୍ରୀ ତାଁକର୍ ବାର୍ତାଥି କହିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ତାଁକର୍ ବାର୍ତାଥି ଓଡ଼ିଶାର୍ ଅସ୍ମିତା ଆର୍ ସ୍ୱାଭିମାନ୍‌କେ ସୁରକ୍ଷିତ୍ ରଖ୍‌ବାର୍ ସହେତେ ସଂସ୍କୃତିକେ ଅଏତ୍‌କାନୁ ଅଏତ୍‌କା ଉନ୍ନତି କର୍‌ବାର୍ ଲାଗି ରାଜ୍ୟବାସୀଙ୍କୁ ଆହ୍ୱାନ୍ ଦେଇଛନ୍ । ଭୁବ୍‌ନେଶ୍ୱର୍‌ର ଜୟଦେବ୍ ଭବନ୍ ଠାନେ ଆଏଜ୍ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ୍ ପାଲନ୍ କରାଯାଇଛେ । ସେନ୍ତା ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଓଡ଼ିଶା ଦିବସ୍ ଉପ୍‌ରେ

ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ୍ କରାଯାଇଛେ । ଇ ଫଟୋଚିତ୍ର ପ୍ରଦର୍ଶନୀ ୨ ଦିନ୍‌ତକ୍ ଖୁଲା ରହେବା ।

ଓଡ଼ିଶା ଦିବସ୍- ପଶ୍ଚିମ ଓଡ଼ିଶା

ସମ୍ବଲ୍‌ପୁର/ ଦେବ୍‌ଗଡ଼୍/ ବର୍‌ଗଡ଼୍/ ସୋନ୍‌ପୁର୍/ ଝାର୍‌ସୁଗୁଡ଼ା/ ବୌଦ୍ଧ/ ବଲାଙ୍ଗିର/ କଲାହାଣ୍ଡି ସମ୍ବାଦଦାତା

ପଶ୍ଚିମ ଓଡ଼ିଶାର୍ ସବୁ ଜିଲ୍ଲା, ସଦର୍‌ମହକୁମା ଆଉ ଭିନ୍ ଭିନ୍ ଜାଗା ନ ଆଦର୍ଶ ଆଚରଣ ବିଧି ଭିତ୍‌ରେ ଉତ୍କଳ ଦିବସ୍ ପାଲିତ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଥିବା ଜିଲ୍ଲାସ୍ତରୀୟ ଉତ୍କଲ୍ ଦିବସ୍ ସମାରୋହଥି ଓଡ଼ିଶାର୍ ବରପୁତ୍ରମାନ୍‌କର୍ ଫଟୋଚିତ୍ରଥି ମାଲ୍ୟାର୍ପଣ୍ କରାଯାଇଥିଲା । ଜିଲ୍ଲାପାଲ୍ ଅକ୍ଷୟ ସୁନୀଲ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଇ ସମାରୋହଥି ମହାନଗର୍ ନିଗମ୍ କମିଶନର୍ ବେଦ୍‌ଭୂଷଣ୍, ଅତିରିକ୍ତ ଜିଲ୍ଲାପାଲ୍ ଅଜାମ୍ବର ମହାନ୍ତିଙ୍କର୍ ସହେତେ ଅଲ୍‌ଗା ସିଆନ୍‌ସୁଜନ୍ ମାନେ ଯୋଗ୍ ଦେଇଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ନ ହେଇଥିବା ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ସମାରୋହ ଅବ୍‌ସରେ ସହରର୍ ଭିନ୍ ଭିନ୍ ଜାଗା ନ ଥିବା ବରପୁତ୍ର ମାନ୍‌କର୍ ପ୍ରତିମୂର୍ତିଥି ପୁଷ୍ପମାଲ୍ୟ ଅର୍ପଣ୍ କରାଯାଇଥିଲା । ଇତାର୍‌ଉତ୍‌ରୁ ସଂସ୍କୃତିଭବନ୍ ଠାନେ ହେଇଥିବା

ସମାରୋହରେ ଜିଲ୍ଲାପାଳ୍ ସୋମେଶ୍ କୁମାର୍ ଉପାଧ୍ୟାୟ ଯୋଗ୍ ଦେଇକରି ଉଦ୍‌ବୋଧନ୍ ଦେଇଥିଲେ ।

ବରଗଡ଼୍ ଜିଲ୍ଲା ପ୍ରଶାସନ୍ ତରଫୁ ହେଇଥିବା ଓଡ଼ିଶା ଦିବସ୍ ସମାରୋହରେ ଜିଲ୍ଲାପାଳ୍ ଆଦିତ୍ୟ କୁମାର୍ ଗୋୟେଲ୍, ଅଧ୍ୟାପିକା ସଂଘମିତ୍ରା ମିଶ୍ର ଯୋଗ୍ ଦେଇକରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ୍‌ର ଗଠନ୍ ବାବ୍‌ଦେ ଆଲୋଚନା କରିଥିଲେ । ଇ ଅବ୍‌ସରେ ଭୋର୍‌ନୁ ଜିଲ୍ଲାର୍ ବରପୁତ୍ରମାନ୍‌କର୍ ପ୍ରତିମୂର୍ତିରେ ମାଲ୍ୟାର୍ପଣ୍ କରାଯାଇଥିଲା ।

ସେନ୍ତା ସୋନ୍‌ପୁର୍ ନ ହେଇଥିବା ଜିଲ୍ଲାସ୍ତରୀୟ ସମାରୋହରେ ଜିଲ୍ଲାପାଳ୍ ଅନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ୍ ୟସ୍ ପ୍ରତାପ୍ ଶ୍ରୀମାଲ୍, ସୁବର୍ଣ୍ଣପୁର୍ ଜିଲ୍ଲା ସାମ୍ବାଦିକ୍ ସଂଘର୍ ସମ୍ପାଦକ୍ ବ୍ୟୋମକେଶ୍ ଦାସ ଯୋଗ୍ ଦେଇକରି ଓଡ଼ିଶା ପ୍ରଦେଶ୍ ଗଠନ୍‌ର ପୂର୍ବସୁରିମାନ୍‌କୁ ଶ୍ରଦ୍ଧାଞ୍ଜଳି ଜନେଇଥିଲେ ।

ଜିଲ୍ଲାପାଳ୍ ଆବୋଲି ସୁନୀଲ୍ ନର୍‌ୱଣେଙ୍କର୍ ଅଧ୍ୟକ୍ଷତାରେ ଝାର୍‌ସୁଗୁଡ଼ା ନ ହେଇଥିବା ଜିଲ୍ଲାସ୍ତରୀୟ ଉତ୍କଲ୍ ଦିବସ୍ ସମାରୋହରେ ସ୍ୱତନ୍ତ୍ର ଓଡ଼ିଶା ଦିବସ୍ ଗଠନ୍‌ର ପୁରୋଧାମାନ୍‌କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା ।

ବୌଦ୍ଧ ଜିଲ୍ଲା ପ୍ରଶାସନ୍ ତରଫୁ ହେଇଥିବା ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ୍ ସମାରୋହରେ ଜିଲ୍ଲାପରିଷଦ୍ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ୍, ଅତିରିକ୍ତ ଜିଲ୍ଲାପାଳ୍ ଦାରିଦ୍ର୍ୟ ଭଞ୍ଜନ ମଦନ୍ ମୋହନ୍ ପାତ୍ର, ଉପଜିଲ୍ଲାପାଳ୍ ପ୍ରଭାସ୍ ଚନ୍ଦ୍ର ଦଣ୍ଡସେନା ପ୍ରମୁଖ

ଯୋଗ୍ ଦେଇଥିଲେ । ନୂଆପଡ଼ା ଜିଲ୍ଲା ନ ଭିଲ୍ ଓଡ଼ିଶା ଦିବସ୍ ପାଲିତ୍ ହେଇଯାଇଛେ ।

ବଲାଙ୍ଗିର୍ ଜିଲ୍ଲା ପ୍ରଶାସନ୍ ଆଉ ଲୋକସମ୍ପର୍କ ବିଭାଗ୍ ତର୍ଫୁ ଜିଲ୍ଲାସ୍ତରୀୟ ଉତ୍କଲ୍ ଦିବସ୍ ପାଲିତ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଡକ୍ଟର୍ ବିଜୟାନନ୍ଦ ସେଠୀ ଆଉ ଉପଜିଲ୍ଲାପାଲ୍ ଆଲୋକ କୁମାର୍ ପ୍ରଧାନ୍ ବରପୁତ୍ରମାନ୍‌କର୍ ପ୍ରତିମୂର୍ତିଥି ମାଲ୍ୟାର୍ପଣ୍ କରିଥିଲେ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଟାଉନ୍‌ହଲ୍‌ଠାନେ ଭିଲ୍ ଜିଲ୍ଲାସ୍ତରୀୟ ଓଡିଶା ଦିବସ୍ ପାଲିତ୍ ହେଇଯାଇଛେ ।

ଶୋଫାଲୀ ବି. ଶରଣ-ପି.ଆଇ.ବି. ପି.ଆଇ.ବି.

କେନ୍ଦ୍ର ସର୍‌କାର୍‌ଙ୍କର୍ ପତ୍ରସୂଚନା କାର୍ଯ୍ୟାଳୟ-ପିଆଇବି, ନୂଆଦିଲ୍ଲୀର ପ୍ରମୁଖ ମହାନିର୍ଦ୍ଦେଶକ ଭାବେ ଶୋଫାଲୀ ବି. ଶରଣ୍ ଆଏଜ୍ ଦାୟିତ୍ୱ ଗ୍ରହଣ୍ କରିଛନ୍ । ଭାରତୀୟ ସୂଚନା ସେବା ୧୯୯୦ ବେଚ୍‌ର ଅଧିକାରୀ ଶ୍ରୀମତୀ ଶରଣ୍ ଇତାର୍ ଆଘୋନୁ ଅର୍ଥ, ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଳୟ ଆଉ ଭାରତୀୟ ନିର୍ବାଚନ୍ ଆୟୋଗ୍‌ର ମୁଖପାତ୍ର ଭାବେ କାମ୍ କରିଛନ୍ ।

ଓଡିଶା ପୁଲିସ ପ୍ରତିଷ୍ଠା ଦିବସ୍        ଆର୍ଏନ୍ୟୁ/ ସମ୍ବଲପୁର

ଓଡିଶା ପୁଲିସର  ଅଣାନବେ ତମ ପ୍ରତିଷ୍ଠା ଦିବସ୍ ଅବ୍ସରେ ପୁଲିସ ସେବାଥି ଉଲ୍ଲେଖନୀୟ କାମ୍ କରିଥିବା ଅଧିକାରୀମାନ୍କୁ ୨୦୨୩-୨୪ ବଛର୍ ଲାଗି ଆରକ୍ଷୀ ମହାନିର୍ଦ୍ଦେଶକ ପଦକ- ଡିଜିପି ଡିସ୍କ ଦିଆଯାଇଛେ । ଆଏଜ୍ ଭୁବନେଶ୍ୱର ନ ହେଇଥିବା ଗୁଟେ ସ୍ୱତନ୍ତ୍ର କାର୍ଯ୍ୟକ୍ରମଥି ଶହେ ୮ ପୁଲିସ ଅଧିକାରୀଙ୍କୁ ପୁଲିସ ମହାନିର୍ଦ୍ଦେଶକ ଇ ପଦକ ଦେଇଛନ୍ । ସେମାନ୍କର୍ ଭିତ୍ରେ ଅତିରିକ୍ତ ଡିଜି ରାଜେଶ କୁମାର, ଡିଆଇଜି ନୀତି ଶେଖର, ମୟୁରଭଞ୍ଜ ଏସ୍.ପି. ଏସ୍.ସୁଶ୍ରୀ, ବୌଦ୍ଧ ଏସ୍.ପି. ରାଜପ୍ରସାଦ, ଜଗତସିଂହପୁର ଏସ୍.ପି. ରାହୁଲ୍ ପି.ଆର୍, ରାଉରକେଲା ଭିଜିଲାନ୍ସ ଏସ୍.ପି. ଦେବ ନାରାୟଣ ଦାସ, କନ୍ଧମାଳ ଏସ୍.ପି. ଶୁଭେନ୍ଦୁ କୁମାର ପାତ୍ର ଅଛନ୍ ।

ପୁଲିସ୍ ପ୍ରତିଷ୍ଠା ଦିବସ୍

ସମ୍ବଲପୁର/ କଳାହାଣ୍ଡି/ ଝାର୍ସୁଗୁଡ଼ା/ ବର୍ଗଡ଼୍/ ନୂଆପଡ଼ା/ ଦେବ୍ଗଡ଼୍/ ବୌଦ୍ଧ ସମ୍ବାଦଦାତା

ରାଜ୍ୟର୍ ସବୁ ଜିଲ୍ଲା ସଦର୍ ମହକୁମା ନ ଆଏଜ୍ ପୁଲିସ୍ ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ଜିଲ୍ଲାସ୍ତର ନ ହେଇଥିବା  ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ଥି ରାଜ୍ୟପାଲ୍ ଆଉ ମୁଖ୍ୟମନ୍ତ୍ରୀଙ୍କର୍ ବାର୍ତା ପଢ଼ାଯାଇଥିଲା । ସମ୍ବଲ୍‌ପୁର୍ ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ଓଡ଼ିଶା ପୁଲିସ୍‌ର ପ୍ରତିଷ୍ଠା ଦିବସ୍ ସମାରୋହଥି ଉତରାଂଚଲ୍ ଆଇଜି ହିମାଂଶୁ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍ସରେ ଭିନ୍ ଭିନ୍ କ୍ଷେତ୍ରଥି କୃତିତ୍ୱ ହାସଲ୍ କରିଥିବା ପୁଲିସ୍ କର୍ମଚାରୀମାନ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ପୁଲିସ୍ ପ୍ରତିଷ୍ଠା ଦିବସ୍ ସମାରୋହଥି ଏସ୍.ପି. ଅଭିଲାଶ ଜି. ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍ସରେ ଜିଲ୍ଲା ନ ଭଲ୍ କାମ୍ କରିଥିବା ୫ ଝନ୍ ପୁଲିସ୍ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଝାର୍‌ସୁଗୁଡ଼ାର୍ ଦ୍ୱିତୀୟ ସଶସ୍ତ୍ର ବାହିନୀ ପେରେଡ୍ ପଡ଼ିଆଥି ପୁଲିସ୍ ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ ।

ବର୍‌ଗଡ୍ ଠାନେ ହେଇଥିବା ପୁଲିସ୍ ପ୍ରତିଷ୍ଠା ଦିବସ୍ ସମାରୋହଥି ଏସ୍.ପି. ପ୍ରହଲ୍ଲାଦ ସହାୟ ମୀନା ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍ସରେ ଜିଲ୍ଲାର୍ ୫ ଝନ୍ ପୁଲିସ୍ କର୍ମଚାରୀଙ୍କୁ ଭଲ୍ କାମ୍ ଲାଗି ସମ୍ମାନିତ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ରିଜର୍ଭ ପୁଲିସ୍ ପଡ଼ିଆ ନ ପୁଲିସ୍ ପ୍ରତିଷ୍ଠା ଦିବସ୍ ପାଲିତ୍ ହେଇଯାଇଛେ । ଏସ୍.ପି. ରାଘବେନ୍ଦ ଗୁଣ୍ଡାଲା ରେଡ୍ଡୀ ପୁଲିସ୍ ପତାକା ଉତୋଲନ୍ କର୍‌ବାର୍ ସହେତେ ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ଦେବ୍‌ଗଡ଼୍ ଜିଲ୍ଲା ପୁଲିସ୍ ତର୍‌ଫୁ ଭିଲ୍ ରିଜର୍ଭ ପୁଲିସ୍ ପଡ଼ିଆ ନ ହେଇଥିବା ପୁଲିସ୍ ପ୍ରତିଷ୍ଠା ଦିବସ୍ ସମାରୋହଥି ଏସ୍.ପି. ଅନୁପମା ଜେମ୍ସ ଯୋଗ୍ ଦେଇକରି ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ । ଇ ଅବ୍‌ସରେ ଉଲ୍ଲେଖନୀୟ କାମ୍ କରିଥିବା ପୁଲିସ୍ କର୍ମଚାରୀମାନ୍‌କୁ ମାନପତ୍ର ଦେଇକରି ସମ୍ମାନିତ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ପୁଲିସ୍ ଆର୍ ୫ ନମ୍ବର୍ ଆଇଆର୍‌ବି ବାଟାଲିୟନ୍ ତର୍‌ଫୁ ବଲାସିଂହା ଆଇଆର୍‌ବି ବାଟାଲିୟନ୍ ପଡ଼ିଆ ନ ପୁଲିସ୍ ପ୍ରତିଷ୍ଠା ଦିବସ୍ ପାଲନ୍ କରାଯାଇଛେ । ଅତିରିକ୍ତ ଏସ୍.ପି. ମାରିଅନ୍ସ ମିଞ୍ଜ୍ ଇଥି ଯୋଗ୍ ଦେଇକରି ପେରେଡ୍‌ଥି ଅଭିବାଦନ୍ ଗ୍ରହଣ୍ କରିଥିଲେ ।

ଜିଏସ୍‌ଟି ଆର୍‌ଏନ୍‌ୟୁ/ସମ୍ବଲପୁର୍

ରାଏଜେ ଗଲା ମାର୍ଚ୍ଚ ମାସେ ମୋଟ୍ ଦ୍ରବ୍ୟ ଆର୍ ସେବା କର- ଜିଏସ୍‌ଟି ବାବ୍‌ଦେ ୫ହଜାର  ଶହେ ୯କୋଟି ୩୩ ଲାଖ୍

ଟଙ୍କା ଆଦାୟ ହେଇଛେ । ରାଜ୍ୟ ବାଣିଜ୍ୟକର ଆର୍ ଜିଏସ୍‌ଟି କମିଶନରେଟ୍ ତର୍‌ଫୁ ମିଳିଥିବା ସୂଚନା ଅନ୍‌ସାରେ, ୨୦୨୩ ମସିହା ମାର୍ଚ୍ଚ ମାସେ ୪ହଜାର ୭ଶହ ୪୯କୋଟି ୨ଲାଖ୍ ଟଙ୍କା ଜିଏସ୍‌ଟି ଆଦାୟ ହେଇଥିଲା । ଇ ବଛର୍‌ର ମାର୍ଚ୍ଚ ମାସର୍ ଜିଏସ୍‌ଟି ସଂଗ୍ରହ ଗଲାବଛର୍‌ର ମାର୍ଚ୍ଚ ମାସ୍‌ନୁ ୭ ଦଶ୍‌ମିକ୍ ୫/ ୯ ପ୍ରତିଶତ ବଢ଼ିଛେ ।

## ନିର୍ବାଚନ୍- ଭୋଟର୍ ପରିଚୟ ପତ୍ର ସୂଚନା- ଲୋକସମ୍ପର୍କ ବିଭାଗ

ସାଧାରଣ ନିର୍ବାଚନ୍ ଲାଗି ଭୋଟର୍ ତାଲିକାଥି ନାଁ ପଞ୍ଜିକରଣ୍ ହେଇଥିଲେ ଭୋଟର୍ ମାନେ ଭୋଟ୍‌ଗ୍ରହଣ୍ କେନ୍ଦ୍ର ନ ଭୋଟ୍ ପରିଚୟ ପତ୍ର ଦେଖେଇକରି ଭୋଟ୍ ଦେଇପାର୍‌ବେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ସେ କହିଛନ୍ ଯେ, ଯଦି ଭୋଟର୍ ଫଟୋ ପରିଚୟ ପତ୍ର ନାଇଁ ଦେଖେଇପାର୍‌ବେ ବେଲେ ଆଧାର୍‌କାର୍ଡ଼, ମନରେଗା କାର୍ଡ଼, ବେଙ୍କ୍ ପାସ୍‌ବୁକ୍, ଡ୍ରାଇଭିଂ ଲାଇସେନ୍ସ, ପେନ୍‌କାର୍ଡ଼ ବାଗିର୍ ୧୨ ଟା ପ୍ରମାଣ୍‌ପତ୍ର ଭିତ୍‌ରୁ ଯେନ୍‌କେନ୍‌ସି ଗୁଟେ ପ୍ରମାଣ୍‌ପତ୍ର ଦେଖେଇକରି ଭୋଟର୍‌ମାନେ ଭୋଟ୍ ଦେଇପାର୍‌ବେ । ସେନ୍ତା ଭୋଟର୍ ପରିଚୟ ପତ୍ରଥି ମୁଦ୍ରଣଗତ

ଭୁଲ୍ ଥିଲେ ଭିଲ୍ ସେଟା ଗ୍ରହଣୀୟ ହେବା ବଲି ନିର୍ବାଚନ୍ ଆୟୋଗଙ୍କର୍ ତର୍ଫୁ ଜାରି ହେଇଥିବା ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ମତଦାନ୍ ହାର ବଢ଼ାବାର୍‌କେ ଆଉ ଭୋଟର୍‌ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଭୋଟ୍ ର ୫ ଦିନ୍ ଆଘୋନୁ ଭୋଟର୍‌ମାନ୍‌କୁ ମତଦାନ୍ କେନ୍ଦ୍ର, ତାରିଖ୍ ଆର୍ ସମିଆ ବିଷେ 'ଭୋଟର୍ ସୂଚନା ସ୍ଲିପ୍' ଦିଆଯିବା । ଇ ବାବ୍‌ଦେ ନିର୍ବାଚନ୍ କମିଶନ୍‌ଙ୍କର୍ ତର୍ଫୁ ଜିଲ୍ଲା ନିର୍ବାଚନ୍ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଗ୍ରୀଷ୍ମପ୍ରବାହ-ଅଙ୍ଗନବାଡ଼ି ସୂଚନା- ଲୋକସମ୍ପର୍କ ବିଭାଗ

ଇ ବଛର୍ ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ରାଜ୍ୟର୍ ଅଙ୍ଗନବାଡ଼ି କେନ୍ଦ୍ରର୍ କାମ୍ ସମିଆ ସଖାଲର୍ ୭ ନୁ ସାଢ଼େ ୧୧ ବଜେତକ୍ ଧାରିଜ୍ କରାଯାଇଛେ । ଇ ବାବ୍‌ଦେ ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ତର୍ଫୁ ମାର୍ଗଦର୍ଶିକା ଜାରି କରାଯାଇଛେ । ଅଙ୍ଗନବାଡ଼ି କେନ୍ଦ୍ରମାନ୍‌କେ ସଫା ପିଇବାର୍ ପାଏନ୍ ସହେତେ ବହୁତ୍ ପରିମାଣ୍‌ର ଓଆର୍‌ଏସ୍ ପେକେଟ୍ ରଖିବାର୍‌କେ କୁହାଯାଇଛେ ।

ଇନ ଜନେଇ ଦିଆଯାଇଛେ ଯେ, ରାଏଜେ ଲଗାତାର୍ ବଢୁଥିବା ତାପମାତ୍ରାକେ ନଜର୍‌ଥି ରଖିକରି ଆଗୁଆ ପ୍ରସ୍ତୁତି ଆଉ ପଦକ୍ଷେପ୍ ନେବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ନିର୍ଦ୍ଦେଶନାମା ଜାରି କରାଯାଇଛେ । ଇତାର୍‌ଛଡ଼ା ଭିନ୍ ଭିନ୍ ବିଭାଗ୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ଗ୍ରୀଷ୍ମପ୍ରବାହର୍ ପ୍ରତିକାର୍ ଆଉ ମୁକାବିଲା କର୍‌ବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ ତର୍‌ଫୁ ଭିନ୍ ଭିନ୍ କାର୍ଯ୍ୟାନୁଷ୍ଠାନ୍ ଗ୍ରହଣ୍ କର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବାକାଏଲ୍‌ନୁ ଦିନର୍ ଆଉ ରାତିର୍ ତାତି ୫ ଡିଗ୍ରୀତକ୍ ବଢ୍‌ବା ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଅନୁମାନ୍ କରାଯାଇଛେ । ଜଲବାୟୁଥି ଆଦ୍ରତା ୫୦ ପ୍ରତିଶତ୍ ରହେବାର୍ ଲାଗି ରାତି ଭିଲ୍ ଅସହ୍ୟ ଗରମ୍ ଆର୍ ଗୁଲ୍‌ଗୁଲି ହେବା ।